# କୃଷି ସୂଚନା ସେବା (ଧାନ)
## ଭା.କୃ.ଅନୁ.ପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

### ୨୦୨୦ ମସିହା ସେପ୍ଟେମ୍ବର ମାସ ପ୍ରଥମ ପକ୍ଷ ନିମନ୍ତେ କାର୍ଯ୍ୟସୂଚୀ :

**ବୁଣାଧାନ :**

- ଗଭୀର ଓ ସ୍ୱଳ୍ପଗଭୀର ଛଟାବୁଣା ଧାନ ଅଞ୍ଚଳରେ ଏକର ପିଛା ୧୨ କି.ଗ୍ରା. ୟୁରିଆ ଦ୍ୱିତୀୟ ପିଲସାର ଭାବେ ପ୍ରୟୋଗ କରନ୍ତୁ ।

- କାଣ୍ଡବିନ୍ଧା ପୋକ ଦେଖାଦେଲେ ଏକର ପିଛା କ୍ଲୋରାନଟ୍ରାନିଲିପ୍ରୋଲ ୪% ଜି.ଆର. ୪ କି.ଗ୍ରା. ବାଲି ସହିତ ସମାନ ଭାବରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ରୁଆଧାନ :**

- ରୁଆଧାନରେ ବାଲୁଙ୍ଗା ଦମନ ପାଇଁ ବେନସଲଫ୍ୟୁରନ୍ ମିଥାଇଲ୍ ସହିତ ପ୍ରିଟିଲାକ୍ଲୋର (ଲୋଣ୍ଡେକ୍ସ ପାୱାର କିମ୍ବା ଇରେଜ୍ ଷ୍ଟ୍ରୋଙ୍ଗ୍ ନାମରେ ବଜାରରେ ଉପଲବ୍ଧ) ଏକରକୁ ୪ କି.ଗ୍ରା. ହିସାବରେ ସମାନ ପରିମାଣର ବାଲି ସହିତ ମିଶାଇ ରୋଇବାର ୩ ରୁ ୭ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ କିମ୍ବା ଏକର ପ୍ରତି ୧୨୦ ମି.ଲି. ବିସ୍‌ପାଇରିବାକ୍ ସୋଡିୟମ୍ ୧୦ ଏସ୍.ସି. (ନୋମିନି ଗୋଲ୍ଡ) ରୋଇବାର ୧୦-୧୨ ଦିନ ପରେ କିମ୍ବା ଏକର ପିଛା ପେନୋକ୍ସୁଲାମ୍ ସହିତ ସାଇହାଲୋଫପ୍ ବ୍ୟୁଟାଇଲ (ଭିଭାୟା) ୯୦୦ ମି.ଲି. ୧୪୦ ଲିଟର ପାଣିରେ ମିଶାଇ ତଳିରୁଆର ୧୫-୨୦ ଦିନ ପରେ ସିଞ୍ଚନ କରନ୍ତୁ ।

- ଅନ୍ୟ ପୁରୁଣା ବୁଦାରୁ ପିଲ ବାହାର କରି ଶୂନ୍ୟ ସ୍ଥାନ ପୂରଣ କରନ୍ତୁ ଯେପରିକି ସବୁଆଡେ ଗଛ ସଂଖ୍ୟା ସମାନ ଦେଖାଦେବ ତଥା ବର୍ଗମିଟର ପିଛା ୩୩ଟି ବୁଦା ରହିବ ।

- ଯେଉଁ ଜମିରେ ଦସ୍ତା ପରିମାଣ କମ୍ ଥିବ ଏକ ଏକର ପିଛା ଲିଟର ପ୍ରତି Zn-EDTA (ଜିଙ୍କ୍-ଇଡିଟିଏ) ୦.୫ ଗ୍ରାମ୍ ରୋଇବାର ୩୦-୪୫ ଦିନ ପ୍ରୟୋଗ କରନ୍ତୁ ।

- ସ୍ୱଳ୍ପ ଖାଲୁଆ ରୁଆ ଧାନ ଜମିରେ ପିଲ ଆସିବା ସମୟରେ ଏକର ପିଛା ୨୪ କି.ଗ୍ରା. ୟୁରିଆ ସହିତ ୧୩.୫ କି.ଗ୍ରା. ପଟାସସାର ମିଶାଇ ପ୍ରୟୋଗ କରନ୍ତୁ ।

- କାଣ୍ଡବିନ୍ଧା ପୋକର ନିରୀକ୍ଷଣ ପାଇଁ ଧାନ ବିଲରେ ଏକର ପିଛା ୪ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ଟି ହୋଇଯିବ ତେବେ ଏକର ପିଛା କ୍ଲୋରାନଟ୍ରାନିଲିପ୍ରୋଲ ୪% ଜି.ଆର ୪ କି.ଗ୍ରା. ବାଲି ସହିତ ସମାନ ଭାବରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

- ଯଦି ଲେଡାପୋକ, ବିରହା ପୋକ କିମ୍ବା ନଳିପୋକ ଦେଖାଯାଏ ତେବେ ଏକର ପିଛା କ୍ଲୋରୋପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି. କିମ୍ବା ଲାମ୍ବଡା ସାଇହାଲୋଥ୍ରିନ୍ ୫% ଇ.ସି. ୨୦୦ ମି.ଲି. କିମ୍ବା କ୍ୟୁନାଲଫସ୍ ୨୫% ଇ.ସି. ୮୦୦ ମି.ଲି. ପ୍ରୟୋଗ କରନ୍ତୁ ।

- ଯଦି ବଙ୍ଗୀପୋକ ଦେଖାଯାଏ ତେବେ ଏକର ପ୍ରତି ଥାୟୋମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି. ୪୦ ଗ୍ରାମ୍ କିମ୍ବା ଫିପ୍ରୋନିଲ୍ ୫% ଏସ୍.ସି. ୪୦୦ ମି.ଲି. କିମ୍ବା କ୍ଲୋରୋପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି. ପ୍ରୟୋଗ କରନ୍ତୁ ।

- ମାଟିଆ ଗୁଣ୍ଡିପୋକ (ଚକଡାପୋକ) ବୁଦାପ୍ରତି ୫-୧୦ ଟି ପୋକ ଦେଖାଦେଲେ ଜମିର ସୂକ୍ଷ୍ମ ପରିବେଶକୁ ପରିବର୍ତ୍ତନ କରନ୍ତୁ ଯେପରିକି କ୍ରମାଗତ ଭାବେ ମାଟି ଓଦା ଓ ଶୁଖିଲା ରହିବ । ଜମିରେ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ପାଣି ନ ରହିବା ଦରକାର । ଏହାପରେ ଯଦି ପୋକ ଦେଖାଯାଏ ତେବେ ଏକର ପିଛା ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି ୧୨୦ ଗ୍ରାମ୍ କିମ୍ବା ଡିନୋଟେଫ୍ୟୁରନ୍ ୨୦% ଏସ୍. ଜି. ୮୦ ଗ୍ରାମ୍ କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍. ଏଲ୍. ୫୦ ମି.ଲି. କିମ୍ବା ଏସିଫେଟ୍ ୭୫% ଏସ୍.ପି. ୪୦୦ ଗ୍ରାମ୍ ପ୍ରୟୋଗ କରନ୍ତୁ । ସଦା ସର୍ବଦା ଉପଯୁକ୍ତ କୀଟନାଶକ ସଠିକ୍ ମାତ୍ରାରେ ବ୍ୟବହାର କରନ୍ତୁ ।

- ସଅଳ ରୁଆ ହୋଇଥିବା ଧାନ ଗଛରେ ପତ୍ରାଛଦ ପୋଡା ରୋଗ ଦେଖାଦେଲେ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଆମିଷ୍ଟାର (ଆଜୋକ୍ସିଷ୍ଟ୍ରୋବିନ୍) କିମ୍ବା ସିଥ୍ମାର-୩ (ଭାଲିଡାମାଇସିନ୍ ୩ ଏଲ୍) ୨ ମି.ଲି. ହିସାବରେ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

- ଧାନ ଗଛରେ ପତ୍ରପୋଡା/ପତ୍ରାଗାର ରୋଗ ଦେଖାଦେଲେ ୧ ଲିଟର ପାଣିରେ କପର୍ ଅକ୍ସିକ୍ଲୋରାଇଡ୍ ୧.୫ – ୨.୦ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ । ୧ ଏକର ଜମି ପାଇଁ ୨୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ ।

- ପତ୍ରାଛଦ ପୋଡା ରୋଗ ଦମନ ପାଇଁ ଟେବୁକୋନାଜୋଲ୍ ୫୦% ସହିତ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି. ୦.୪ ଗ୍ରାମ କିମ୍ବା ପ୍ରୋପିକୋନାଜଲ୍ ୨୫% ୧ ମି.ଲି. ଏକ ଲିଟର ପାଣିରେ କିମ୍ବା ହେକ୍ସାକୋନାଜଲ ୫୦% ୨ ମି.ଲି. ଏକ ଲିଟର ପାଣିରେ ମିଶାଇ ୭-୧୦ ଦିନ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ ।

- ମହିଷା ରୋଗ ଦେଖାଯାଉଥିବା ଜମିରେ କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି. ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କିମ୍ବା ଟ୍ରାଇସାଇକ୍ଲାଜୋଲ୍ ୭୫ ଡବ୍ଲ୍ୟୁ.ପି. ୦.୬ ଗ୍ରାମ୍ ହିସାବରେ ମିଶାଇ ସିଞ୍ଚନ କରନ୍ତୁ ।

- ଚାଷୀଭାଇମାନେ ଧାନ ଚାଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବାକୁ ଚାହୁଁଥିଲେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ଦ୍ୱାରା ବିକଶିତ ରାଇସ୍ ଏକ୍ସପୋର୍ଟ ମୋବାଇଲ ଆପ୍ (riceXpert) ଗୁଗୁଲ୍ ପ୍ଲେଷ୍ଟୋରରୁ ଡାଉନ୍‌ଲୋଡ କରି ବ୍ୟବହାର କରିପାରିବେ ।

******